**ବରିଷ୍ଠ ନାଗରିକଙ୍କ ସାଇବର ଅପରାଧ ସଚେତନତା**

କରଞ୍ଜିଆ,(କବିତା ମହାନ୍ତ): ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ସାଇବର ଅପରାଧ ନିୟନ୍ତ୍ରିତ ସଚେତନ ଶୋଭାଯାତ୍ରା ଆୟୋଜନ କରାଯାଇଛି। ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ମହାରଣା, ଏସ୍‌ଡିପିଓ ସୁବ୍ରତ କୁମାର, ଥାନା ଅଧିକାରୀ ସୂଚନ୍ଦ୍ର ମାହାଲିକ ଓ କର୍ମଚାରୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ବରିଷ୍ଠ ନାଗରିକ ସଂଘର ଅଭିମନ୍ୟୁ ପତି, ଅଜିତ୍ ମିଶ୍ର ପ୍ରମୁଖ ଶୋଭାଯାତ୍ରାରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ୧୦ ଫୁଟ୍ ଲମ୍ବର ଅଜଗର ଉଦ୍ଧାର



ଯୋଡ଼ା,୧୪।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସେକ୍ସନ ଅଧୀନସ୍ଥ ଯମୁନାପଶି ଗ୍ରାମରୁ ବନବିଭାଗ ଏକ ଦଶ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରିଛି। ସାପକୁ ସୁରକ୍ଷିତ ଅବସ୍ଥାରେ ବନ୍ଧୁଆବେଡ଼ା ଖେଶ୍ରା ଜଙ୍ଗଲ ମଧ୍ୟରେ ଛାଡ଼ି ଦିଆଯାଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଯୋଡ଼ା ବନପାଳଙ୍କ ସମେତ ଯୋଡ଼ା ସେକ୍ସନର ସ୍କ୍ୱାର୍ଡ ଗୋପାଳ ନାୟକ, ସୁନିଆ ମୁଣ୍ଡା, ବନରକ୍ଷୀ ନିଲମ ମହାନ୍ତ, ବନରକ୍ଷୀ ସୁରଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ଛାତ୍ରୀଙ୍କ ନବୀନବରଣ ଉତ୍ସବ

ବାଲେଶ୍ୱର, ୧୪।୧୦(ମାନସ ବିଶ୍ୱାଳ)- ବାଲେଶ୍ୱର କୁନ୍ତଳା କୁମାରୀ ସାବତ (କେକେଏସ୍) ମହାବିଦ୍ୟାଳୟ ପ୍ରାଙ୍ଗଣରେ ସ୍ନାତକ ଓ ସ୍ନାତକୋତ୍ତର ସଂସ୍କୃତ ବିଭାଗର ନୂତନ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ବେଦପାଠ କରାଯାଇଥିଲ। ତତ୍‌ପରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁବ୍ରତା ଦେବାଙ୍ଗନା ଛାତ୍ରୀମାନଙ୍କ ମାର୍ଗଦର୍ଶନ କରିବା ସହିତ ଜୀବନନିର୍ମାଣର ମୂଳଦୂଆ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନିର୍ମଳ ଚନ୍ଦ୍ର ପଣ୍ଡା ସଂସ୍କୃତ ବିଭାଗ ତରଫରୁ ୨୦୦୫ ବର୍ଷର ଛାତ୍ରୀ ସସ୍ମିତା ସେଠୀଙ୍କୁ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରଥମସ୍ଥାନ ଅଧିକାର କରିଥିବାରୁ ୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ୨୦୨୧ ବର୍ଷରେ ଛାତ୍ରୀ ପାୟଲ ବର୍ଦ୍ଧନଙ୍କୁ ସଂସ୍କୃତ ସମ୍ମାନରେ ପ୍ରଥମସ୍ଥାନ ଅଧିକାର କରିଥିବାରୁ ୨ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହା ଛାତ୍ରୀମାନଙ୍କର ଆଗ୍ରହ ବୃଦ୍ଧି କରିଥିଲା। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ଉଦଳାରେ ଲୋକ ଅଦାଲତ

ଉଦଳା, ୧୪।୧୦(ସନ୍ତୋଷ କୁମାର ବାଛିନୀ )-ଉଦଳା ତାଲୁକ ଆଇନ ସହାୟତା କକ୍ଷ ଦ୍ୱାରା ବିଚାର ବିଭାଗୀୟ ଅଦାଲତ ପ୍ରକୋଷ୍ଠରେ ତୃତୀୟ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସହାୟତା କକ୍ଷର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ନିହାର ରଞ୍ଜନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦଳା ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ ମୋନିଜା ତ୍ରିପାଠୀ ଓ ବରିଷ୍ଠ ଦେୱାନୀ ବିଚାରପତି ନିହାର ରଞ୍ଜନ ଲେଙ୍କା ସକ୍ରିୟ ଅଂଶଗ୍ରହଣ କରି ଅନେକ ମକଦ୍ଦମାର ଆପୋଷ ମିଳାମିଶା ମଧ୍ୟରେ ସମାଧାନ କରିଥିଲେ। ବରିଷ୍ଠ ବିଚାରପତିଙ୍କ ଅଦାଲତରେ ଗୋଟିଏ ଏବଂ ସବ୍‌ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଅଦାଲତରେ ୨୫ଟି ମାମଲାର ସମାଧାନ ହୋଇଥିଲା। ଉପରୋକ୍ତ କାର୍ଯ୍ୟରେ ଉଦଳା ଅଞ୍ଚଳରେ ଥିବା ୨ଟିଓକିଲ ସଂଘ ସହାୟତା କରିଥିଲେ।

### ସୁରଭି ଆଣୁଛି ପ୍ରତିଭାର ମହକ

ବନ୍ତ,୧୪।୧୦(ହରିନାରାୟଣ ମହାନ୍ତି)- ଶିଶୁ ମହୋତ୍ସବ ସୁରଭି ପ୍ରତିଭାର ମହକ ଆଣୁଛି ବୋଲି ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରପଞ୍ଚ ସଂଗ୍ରାମ କେଶରୀ ଜେନା ଅତିଥି ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୀତାରାଣୀ ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସଞ୍ଜୟ ସାମଲ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜଗତଜୀବନ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହତାବ ମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ଜେନା ମଞ୍ଚ ସଂଯୋଜନା କରିଥିବା ବେଳେ ପୂର୍ବତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁକାନ୍ତ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୧୪୧ ଛାତ୍ରୀଛାତ୍ର ଭାଗ ନେଇ ବ୍ଲକସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ୱାର୍ଡସଭ୍ୟଙ୍କ ମୃତ୍ୟୁ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ବାସୁଦେବପୁର, ୧୪।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର- ଧାମରା ରାସ୍ତାର ବିରସ ଛକଠାରୁ ଅନତି ଦୂରରୁ ଶନିବାର ଭୋର ସମୟରେ ୱାର୍ଡସଭ୍ୟ ଭବାନୀ ଶଙ୍କର ମହାନ୍ତି (୩୧)ଙ୍କ ମୃତଦେହ ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି। ତାଙ୍କ ଘର ବାସୁଦେବପୁର ବ୍ଲକ ଅଧୀନ ଗୋପବନ୍ଧୁନଗର ପଞ୍ଚାୟତର ଗଦି ଗ୍ରାମରେ। ସେ ୫ନଂ. ୱାର୍ଡର ମେମ୍ବର।

ସୂଚନା ଅନୁଯାୟୀ, ସେ ବିଳମ୍ବିତ ରାତିରେ କୌଣସି କାମ ପାଇଁ ବାସୁଦେବପୁର-ଧାମରା ମୁଖ୍ୟରାସ୍ତାକୁ ଆସିଥିଲେ। ତାଙ୍କ ଗୋଡ଼ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ମୁଣ୍ଡ ଓ ଦେହର ବିଭିନ୍ନ ଅଂଶରେ କ୍ଷତ ହୋଇଥିଲା। ଏହି ଖବର ଜଣାପଡ଼ିବା ପରେ ଆଇରନ ବୋଝେଇ ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ଆଇରନ ବୋଝେଇ ଟ୍ରକ୍ ଚଳାଚଳ ଉପରେ କଟକଣା ଲଗାଇବା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ପୂର୍ବାହ୍ନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡାଙ୍କ ସମେତ ଚୁଡ଼ାମଣି ସାମୁଦ୍ରିକ ଥାନା ଓ ନାୟକାଣିଡିହୀ ଥାନା ପୋଲିସ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ ବ୍ୟବସ୍ଥା କରାଯିବା ସହ ଉକ୍ତ ରାସ୍ତାରେ ଆଇରନ ଟ୍ରକ୍ ଚଳାଚଳ ଉପରେ କଟକଣା ଏବଂ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମସ୍ୟାର ସମାଧାନ ହେବ ବୋଲି ଏସ୍‌ଡିପିଓ କହିଥିଲେ। ଏନେଇ କଷିଆ ସାମୁଦ୍ରିକ ଥାନାରେ ମାମଲା (ନଂ.୯୦/୨୩) ରୁଜୁ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା।



ଏସ୍‌ଡିପିଓ ସୌରଭ ଓତା ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଯାଞ୍ଚ କଲେ ମେଡିକାଲ ଟିମ୍

## ଗାଁ କଲ୍ୟାଣ ସମିତିର ଅର୍ଥ ହଡ଼ପ ଘଟଣା



ତୁମ୍ବାପଦୀ କେନ୍ଦ୍ରରେ ମେଡିକାଲ ଟିମ୍‌ର ତଦନ୍ତ।

ଖଇରା, ୧୪।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁମ୍ବାପଦୀ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ଦ୍ୱାରା ଗାଁ କଲ୍ୟାଣ ସମିତି ଅର୍ଥ ହଡ଼ପ କରାଯାଇଥିବା ଯାଞ୍ଚ କମିଟି ଗ୍ରାମବାସୀ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର କୁପାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅନୋଲା ଜଗଦେବଙ୍କ ନେତୃତ୍ୱରେ ଏକ ଟିମ୍ ଅଙ୍ଗନୱାଡି କେନ୍ଦ୍ର କର୍ମୀ ଓ ଯାଞ୍ଚ କମିଟି ସହ ପୃଥକ ଆଲୋଚନା କରିଥିଲେ । ଏଥିସହ ଏକ ସମୟରେ ବେଆଇନ ଭାବେ ଉଠାଯାଇଥିବା ୭୨ହଜାର ଟଙ୍କାର ତଦନ୍ତ କରି ଫେରିଛନ୍ତି। ସେପଟେ କର୍ମୀଙ୍କୁ କେନ୍ଦ୍ରକୁ ଆସିବାକୁ ସିଡିପିଓ ବାରଣ କରିଥିବା ବେଳେ କର୍ମୀ ଏହାକୁ ଅମାନ୍ୟ କରି କେନ୍ଦ୍ରକୁ ଏବେ ଆସୁଥିବାରୁ କର୍ମୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ବଢିବାରେ ଲାଗିଛି । ପୁନଶ୍ଚ ଗ୍ରାମବାସୀ ସୋମବାର ଖଇରାଠାରେ ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯଦି ଜିଲାପାଳ କିମ୍ବା ଅନ୍ୟ ଅଧିକାରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ସମୂହ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ସମ୍ପୃକ୍ତ କର୍ମୀଜଣକ ୪ ମାସ ଧରି ଅସୁସ୍ଥତା କାରଣ ଦେଖାଇ ଛୁଟିରେ ରହିବା ପରେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହାପରେ ଗାଁ କଲ୍ୟାଣ ସମିତିରେ ଜମା ଥିବା ୭୨ହଜାର ଓ ଖାଦ୍ୟ ଓ ଖେଳନା ବାବଦକୁ ୨୫ହଜାର ଟଙ୍କା ବେଆଇନ ଭାବେ ବ୍ୟାଙ୍କରୁ ଉଠାଇ ବ୍ୟକ୍ତିଗତ କାମରେ ଲଗାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ।

### ଦନ୍ତା ହାତୀ ଆକ୍ରମଣରେ ନାବାଳିକାଙ୍କ ସମେତ ୩ ଗୁରୁତର

ସୋର, ୧୪।୧୦(ଜନ୍ମେଜୟ ମିଶ୍ର)- ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଜଙ୍ଗଲରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ନାବାଳିକାଙ୍କ ସମେତ ୩ ଜଣ ଗୁରତର ହୋଇଛନ୍ତି। ଶନିବାର ମଧ୍ୟାହ୍ନରେ ସିନ୍ଧୁଆ ଗ୍ରାମର କିଛି ଲୋକଙ୍କ ସହିତ ମୁରଲୀଧର ସିଂ(୫୫), ଦେବକୀ ସିଂ(୧୫) ଏବଂ ଢୁଗୁରି ସିଂ ଗ୍ରାମ ନିକଟ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ଜଙ୍ଗଲ ମଧ୍ୟରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଦେବକୀ ଏବଂ ମୁରଲୀଧର ଗୁରୁତର ଆହତ ହୋଇଥିବା ବେଳେ ଢୁଗୁରିଙ୍କୁ ହାତୀ ଶୁଣ୍ଢରେ ଆକ୍ରମଣ କରିବାରୁ ମୁହଁ ଫାଟିଯାଇଥିଲା। ଦେବକୀ ଏବଂ ମୁରଲୀଧରଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଢୁଗୁରି ଘରେ କେହି ନ ଥିବାରୁ ସେ ଘରେ ଥିବା ଜଣାପଡିଛି।

### ପୋଖରୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

**ବାହାନଗା, ୧୪।୧୦(ଅରୂପ୍ କୁମାର ଦାସ):** ବାହାନଗା ବ୍ଲକ ଚକଜଗନ୍ନାଥପୁର ପଞ୍ଚାୟତ ବାସୁବରମପୁର ଗ୍ରାମରେ ଥିବା ମଙ୍ଗଳାପୋଖରୀ ଭିତରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ।

ବାସୁବରମପୁର ଗ୍ରାମର ଜଣେ ବ୍ୟକ୍ତି ଶନିବାର ସକାଳେ ମର୍ନିଂୱାକ କରିବା ପାଇଁ ମଙ୍ଗଳାପୋଖରୀ ଦେଇ ଯାଉଥିବା ବେଳେ ପାଣିରେ ମୃତଦେହ ଭାସୁଥିବା ଦେଖିଥିଲେ। ଲୋକେ ଖନ୍ତାପଡା ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ପାଣି ଭିତରୁ ଗଳିତ ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇ ଦେଇଥିଲେ। ତେବେ ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଜଣେ ମାନସିକ ବିକୃତ ଯୁବକ ବୋଲି ଆଲୋଚନା ହେଉଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମା’ ଶ୍ୟାମାକାଳୀ ପୂଜା ପାଇଁ ମାଟି ଅନୁକୂଳ

ଢେଙ୍କିକୋଟ,୧୪।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ମା’ ଶ୍ୟାମାକାଳୀ ପୂଜା କମିଟି ତରଫରୁ ମାଆଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ଶନିବାର ମାଟି ପୂଜା କରାଯାଇଛି। ପୂଜକ ଅଦୈତ୍ୟ ଶତପଥିଙ୍କ ଦ୍ୱାରା ଯଥାବିଧି କରାଯାଇଥିବା ବେଳେ ସଂକଳ୍ପଧାରୀ ବିଜୟ ମଣ୍ଡଳ ସଂକଳ୍ପରେ ବସିଥିଲେ। ଆସନ୍ତା ୧ ନଭେମ୍ବର୨୦୨୩ ରିଖ ଅମାବାସ୍ୟା ତିଥିରେ ମା’ ଶ୍ୟାମାକାଳୀଙ୍କ ପୂଜା ହେବାକୁ ଥିବାବେଳେ କମିଟିର ସଦସ୍ୟ ପଦ୍ମନ ମଲ୍ଲିକ, ସାର୍ତ୍ତୁକ ଗିରି, ଜଗବନ୍ଧୁ ନାୟକ, ଦେବାନନ୍ଦ ମଣ୍ଡଳ, ରଣଜିତ ମଣ୍ଡଳ, ଜିତେନ୍ଦ୍ର ନାୟକ, ନିରଞ୍ଜନ ଗିରି ପ୍ରମୁଖ ମାଟି ଆଣିବାରେ ସହଯୋଗ କରିଥିଲେ।



# ‘ସତର୍କତା ଦ୍ୱାରା ସାଇବର ଠକାମି ରୋକାଯାଇପାରିବ’

## ସାଇବର ସୁରକ୍ଷା ଅଭିଯାନ ଉଦ୍‌ଯାପିତ

କେନ୍ଦୁଝର,୧୪।୧୦(ଦୀପକ ମିଶ୍ର)

ସମ୍ପ୍ରତି ରାଜ୍ୟରେ ତଥା ଦେଶରେ ସାଇବର ଅପରାଧର ମାତ୍ରା ବଢ଼ି ଚାଲିଛି। ଏହା ଚିନ୍ତାଜନକ ହୋଇଥିବା ବେଳେ ସଚେତନତା ଓ ସତର୍କତା ଦ୍ୱାରା ହିଁ ସାଇବର ଅପରାଧ ଓ ଠକାମି ରୋକାଯାଇପାରିବ। କେନ୍ଦୁଝର ଜିଲା ପୋଲିସ ଆନୁକୂଲ୍ୟରେ ଶନିବାର କେନ୍ଦୁଝର ଅଡିଟୋରିୟମଠାରେ ଆୟୋଜିତ ସାଇବର ସୁରକ୍ଷା ସଚେତନତା ଅଭିଯାନର ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ଏହି ଆହ୍ୱାନ ଜଣାଇଛନ୍ତି।

ଏସ୍‌ପି ନିତିନ କୁଶଲକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଆଶିଷ ଠାକ୍‌ରେ ଯୋଗଦେଇ ଉଦ୍‌ବୋଧନ ଛଳରେ କହିଥିଲେ, ବର୍ତ୍ତମାନ ସାଇବର ଠକାମୀ ଏକ ସ୍ୱର୍ଶକାତର ପ୍ରସଙ୍ଗ ହୋଇଥିବାରୁ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର, ପୋଲିସ ବିଭାଗଙ୍କ ଏହା ଏକ ପ୍ରଶଂସନୀୟ ପଦକ୍ଷେପ। ଜିଲା ପୋଲିସର କ୍ରିୟାଶୀଳ ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏସ୍‌ପି ଏବଂ ଟିମ୍‌କୁ ସାଧୁବାଦ ଜଣାଇଥିଲେ। ଏସ୍‌ପି ନିତିନ କୁଶଲକର ଅଭିଭାଷଣରେ କହିଥିଲେ, ସାଇବର ଅପରାଧୀ ବିଭିନ୍ନ ଉପାୟ ଓ କୌଶଳ ଅବଲମ୍ବନ କରି ଜନସାଧାରଣଙ୍କୁ ଶୋଷଣ କରିବା ସହିତ ହଇରାଣ କରୁଛନ୍ତି। ଏ କ୍ଷେତ୍ରରେ ଛାତ୍ରୀଛାତ୍ର, ଯୁବ ସମୁଦାୟ ଓ ବୟସ୍କମାନେ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। ସମ୍ମାନୀୟ ଅତିଥି ଭାବେ ଡିଏଫ୍‌ଓ ଧନରାଜ ଏଚ୍‌ଡି ଯୋଗଦେଇଥିଲେ। ଡିଏସ୍‌ପି ତଥା ସାଇବର ସୁରକ୍ଷା ଅଭିଯାନର ଜିଲା ନୋଡାଲ ଅଫିସର ଅମିତ ମହାନ୍ତି ସାଇବର ସୁରକ୍ଷା ଅଭିଯାନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଅତିରିକ୍ତ ଏସ୍‌ପି ଦିଲୀପ କୁମାର ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ସଂଯୋଜନା କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଏସ୍‌ପି ଆଟୋକା କୁଜୁର, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ା ମଧୁସ୍ମିତା ସାମନ୍ତରାୟ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ସଞ୍ଜୀବ ବାରିକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଡିଏସ୍‌ପି ଆଲୋକ ଜେନା, କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଟାଉନ ଥାନା ନିରୀକ୍ଷକ ସୁନୀଲ କର ସମାରୋହ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।



କୃତୀ ଛାତ୍ରୀଙ୍କୁ ଜିଲାପାଳ ଆଶିଷ ଠାକ୍‌ରେ, ଏସ୍‌ପି ନିତିନ କୁଶଲକର ପୁରସ୍କୃତ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



@ବବୁଲ



@ମାମା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ସ୍ୱାମୀଙ୍କୁ ଘରେ ବନ୍ଦ କରି ସ୍ତ୍ରୀଙ୍କୁ ମାଡ଼ ମାରି ଲୁଟ୍

ଭଦ୍ରକ,୧୪।୧୦ (ସନାତନ ରାଉତ)

ରାତିରେ ଲୁଟେରାଙ୍କ ଆତଙ୍କରାଜ। ସ୍ୱାମୀଙ୍କୁ ଘର ଭିତରେ ବନ୍ଦ କରି ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରି ସୁନାଗହଣା ଓ ଟଙ୍କା ଲୁଟିନେଲେ। ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ଚକପୁର ଗ୍ରାମରେ। ଆକ୍ରମଣର ଶିକାର ହୋଇଥିବା ବୃଦ୍ଧା ହେଲେ ଚକପୁର ଗ୍ରାମର ଅଭୟ ପଲାଇଙ୍କ ସ୍ତ୍ରୀ ପ୍ରମିଳା। ଆକ୍ରମଣରେ ଆହତ ହୋଇ ସେ ଏବେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ଅଭୟ ଓ ପ୍ରମିଳା ଭିନ୍ନ ଭିନ୍ନ କୋଠରୀରେ ଶୋଇଥିଲେ। ରାତି ପ୍ରାୟ ୨ଟା ପରେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଅଭୟ ଶୋଇଥିବା କୋଠରୀର କବାଟକୁ ବାହାରପଟୁ ବନ୍ଦ କରି ଦେଇଥିଲେ। ପ୍ରମିଳା ଶୋଇଥିବା କୋଠରୀକୁ ପଶି ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ନିସ୍ତୁକ ପିଟିଥିଲେ। ଏପରିକି ପାଟି କଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ ବୋଲି ପ୍ରମିଳା କହିଛନ୍ତି। ତାଙ୍କ ୪ ପୁଅ ବୋହୂ ବାହାରେ ରହୁଥିବାରୁ ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଘରେ ପଶି ସେମାନଙ୍କ ସୁନାଗହଣା ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ସାବରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଛି। ଏପର୍ଯ୍ୟନ୍ତ ଥାନାରେ ଲିଖିତ ଏନେଇ ଅଭୟଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୨୨୭/୨୩) ରୁଜୁ କରାଯାଇଛି।



ଆକ୍ରମଣରେ ଆହତ ପ୍ରମିଳା ପଲାଇ।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଗୋପବନ୍ଧୁ ନଗର, ୧୪।୧୦
(ଶାନ୍ତନୁ କୁମାର ମଢୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଭୌତିକ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗଣିତ ବିଭାଗର ମୁଖ୍ୟ ଅଧ୍ୟାପକ ମାନଗୋବିନ୍ଦ ଖିଲାର, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଅଶ୍ୱିନୀ ରଞ୍ଜନ ମିଶ୍ର ଓ ରସାୟନ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଶୁଭମ ସାସମଲଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ରଞ୍ଜନ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ହିରଣ୍ମୟୀ ଶତପଥୀ ଏବଂ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବବର୍ଷ ସ୍ନାତକ ପରୀକ୍ଷାରେ ଗଣିତ ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଶଶୀଭୂଷଣ ଦାସ, ପଦାର୍ଥ ବିଜ୍ଞାନ ବିଭାଗର ରୁଦ୍ର ପ୍ରତାପ ମହାନ୍ତ ଓ ପବିତ୍ର କୁମାର ପାଣିଙ୍କୁ ସମ୍ମାନିତ କରାଯାଇଥିଲା। ତୃତୀୟ ବର୍ଷର ଛାତ୍ର ସତ୍ୟନାରାୟଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ରସାୟନ ବିଜ୍ଞାନ ବିଭାଗର ପ୍ରଦର୍ଶକ ପରମାନନ୍ଦ ମହାନ୍ତ ଅତିଥି ପରିଚୟ ଓ ପଦାର୍ଥ ବିଜ୍ଞାନର ପ୍ରଦର୍ଶକ ସୁଦାମ ରଣା ଧନ୍ୟବାଦ ପ୍ରଦାନ କରିଥିଲେ।

## ମଦ ସହ ଗାଡ଼ି ଜବତ, ୨ ଗିରଫ

ଚମ୍ପୁଆ,(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଅବକାରୀ ଅଧିକ୍ଷକ ପ୍ରବିଣ ପ୍ରଧାନଙ୍କ ନିର୍ଦ୍ଦେଶରେ ୨ ଦିନ ଧରି ଆଙ୍ଗୁଲିଆ, ନିଶାଗଡ଼ିଆ, ରିମୁଲି ଓ ଚମ୍ପୁଆ ଏନ୍ଏସିରେ ଚଢ଼ାଉ କରାଯାଇଥିଲା। ଚମ୍ପୁଆ ସହ ଉପନୀରିକ୍ଷକ କୃଷ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନନ୍ତ ରାଜ, ରଞ୍ଜନ ବିଶୋଇ, ପୂଜା ବେହେରା ଓ ଦୀପକ ପଲେଇ ଚଢ଼ାଉରେ ସାମିଲ ହୋଇ ୫୦ ଲିଟର ମହୁଲି ମଦ ଜବତ କରିବା ସହିତ କମଲ ସାହାତି ଏବଂ ବସନ୍ତ ମାଝିଙ୍କୁ ଗିରଫ କରିଥିଲେ। ଚୋରା କାରବାରରେ ବ୍ୟବହୃତ ୨ ଗାଡ଼ିକୁ ଜବତ କରିବାରେ ସଫଳ ହୋଇଥିବା ଜଣାଯାଇଛି।

### ସଂକ୍ଷେପରେ

## ଖଇରା କଲେଜ ଏନଏସ୍ଏସ୍, ୱାଇଆରସି ପକ୍ଷରୁ ରକ୍ତଦାନ ଶିବିର

ଖଇରା, ୧୪।୧୦(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା କଲେଜ ଜାତୀୟ ସେବା ଯୋଜନା(ଏନଏସ୍ଏସ୍) ଓ ଜୁନିୟର ରେଡକ୍ରସ(ୱାଇଆରସି)ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅରୁଣ କୁମାର ପାଢୀ ଓ କୁପାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅନୋଲା ଜଗଦେବ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏନ୍ଏସ୍ଏସ୍ର କାର୍ଯ୍ୟକ୍ରମ ପରିଚାଳକ ପ୍ରଦୀପ କୁମାର ପାଣି, ପରିଚାଳିକା ଦେବବ୍ରତୀ ଦାସ ଏବଂ ୱାଇଆରସି ମୁଖ୍ୟ ଈଶ୍ୱର ଚନ୍ଦ୍ର ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୬୯ଜଣ ଛାତ୍ରୀଛାତ୍ର, ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ ରକ୍ତଦାନ କରିଥିଲେ। ଅଧ୍ୟାପକ ଡ. ଉଦୟ ରଞ୍ଜନ ଦାସ, ଉମେଶ ଚନ୍ଦ୍ର ବାରିକ, କର୍ମଚାରୀ ଶଶିଭୂଷଣ ମହାପାତ୍ର, ବିମନ ବାରିକ, ପ୍ରଶାନ୍ତ ପାତ୍ର ଓ ଅଶୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

ଭଦ୍ରକ,୧୪।୧୦(ସନାତନ ରାଉତ)– ଭଦ୍ରକ ପୌରାଞ୍ଚଳ ଅଧୀନ ୨୨ନଂ. ୱାର୍ଡରେ ଶନିବାର ଜିଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ନେତୃତ୍ୱରେ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ କରାଯାଇଛି। ଛଡ଼ାକମହଲା, ପଠାଣସାହି, ସୁଲତାନ ନଗର ଓ ମୀରସାହି ଅଞ୍ଚଳରେ କର୍ମୀମାନେ ଘରକୁ ଘର ଯାଇ ସରକାରଙ୍କ ବିଫଳତା, ଜନସାଧାରଣଙ୍କ ସମସ୍ୟା ସମ୍ବଳିତ ପ୍ରଚାରପତ୍ର ବାଣ୍ଟିଥିଲେ। ଯୁବ କଂଗ୍ରେସ ବିଧାନସଭା ସଭାପତି ଇଲିୟାସ୍ ଅଲୀ ଖାନ୍, ନଗର ସଭାପତି ସୁଶାନ୍ତ ଦାସ, ପାରିଷଦ ଯମୁନା ସୋରେନ, ସେକ୍ କଲାମ୍, ସେକ୍ ସଲିମ୍, ନଜରୁଲ୍ ହୋଦା, ରିଆଜ୍ ଖାନ୍, ଅବଦୁଲ ରହିବ ଖାନ୍, ଅୟିନୁଲ ଖାନ୍, ସେକ୍ ନାସିରୁଦ୍ଦିନ, ସେକ୍ ବୁଧୁ, ସେକ୍ ଇସ୍‌ରାକ୍, ଶାହାରୁଖ୍ ଖାନ୍ ପ୍ରମୁଖ ସାମିଲ ଥିଲେ।

## ଗଡ଼ଜାତ ମିଶ୍ରଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି, ୧୪।୧୦(ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ତଳଭଗାବନ୍ଧ ନିତାଇଗୌର ଆଶ୍ରମ ପରିସରରେ ଶନିବାର ବଣସୀମା ଆଞ୍ଚଳିକ ବିକାଶ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ପରିଷଦ ଆନୁକୂଲ୍ୟରେ ଗଡ଼ଜାତ ମିଶ୍ରଣ ଉତ୍ସବ ପାଳନ ସମ୍ପର୍କରେ ସଭାପତି ସୁରେଶ ଶଙ୍ଖୁଆ ସୂଚନା ଦେଇଥିଲେ। ଏହି ମାଟିର ପୂର୍ବଜଙ୍କର ଗଡ଼ଜାତ ମିଶ୍ରଣରେ ରାଜାଶାସନ ହଟାଇବାରେ ଭୂମିକାକୁ ମନେ ପକାଇ ଗଡ଼ଜାତ ମିଶ୍ରଣ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅମରେନ୍ଦ୍ର ନାୟକ, ମାନସ ରଞ୍ଜନ ମିଶ୍ର, ପ୍ରଭାକର ବୁଗୁଡ଼ାଇ, ସୁଶାନ୍ତ ସେଠୀ, ମାନବେନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ମିଶ୍ର, ଊର୍ମିଳା ଜେନା, ଅର୍ଣପୂର୍ଣା ସାହୁ, ପ୍ରମେୟ ମହାନ୍ତି, ଚନ୍ଦନ କୁମାର ରାଉତ ପ୍ରମୁଖ ଥିଲେ। ସଞ୍ଜିପ କୁମାର ସ ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗ ଅଜୟଙ୍କୁ ମିଳୁନି ଟ୍ରାଇ ସାଇକେଲ

କେନ୍ଦୁଝର,୧୪।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)


ଅଜୟ ଦାସ।

### ଜନ୍ମରୁ ନାହିଁ ୨ ପାଦ, ପାପୁଲି

ରାଜ୍ୟ ସରକାର ଦିବ୍ୟାଙ୍ଗମାନଙ୍କ ନିମନ୍ତେ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେନ୍ଦୁଝର ଜିଲା ପ୍ରଶାସନ ମଧ୍ୟ ଡିଏମ୍ଏଫ୍ ଅନୁଦାନରେ ମାଗଣା ଟ୍ରାଇ ସାଇକେଲ, ବ୍ୟାଟେରିଚାଳିତ ସାଇକେଲ ତଥା ଟ୍ରାଇ ସ୍କୁଟର ପ୍ରଦାନ କରୁଛନ୍ତି। ମାତ୍ର ପାଟଣା ବ୍ଲକ୍‌ର ଗୁଡ଼ିଆପଡ଼ାର ୨ ପାଦ ଓ ଏକ ପାପୁଲି ନ ଥିବା ଅଜୟ କୁମାର ଦାସ ପ୍ରଶାସନିକ ଯୋଜନାରୁ ବଞ୍ଚିତ ରହିଛନ୍ତି। ଟ୍ରାଇ ସାଇକେଲ ପାଇଁ ବ୍ଲକ୍‌ରେ ପୂର୍ବରୁ ଆବେଦନ କରିଥିଲେ ହେଁ ତାଙ୍କୁ ମିଳିପାରିନାହିଁ।

ଅଜୟ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ସ୍ଥାନୀୟ ଧରଣୀଧର ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱିତୀୟ ବର୍ଷ କଳାରେ ଅଧ୍ୟୟନ କରୁଛନ୍ତି। ଅର୍ଥ ଅଭାବରୁ ଟ୍ରାଇ ସ୍କୁଟର କିମ୍ବା ବ୍ୟାଟେରିଚାଳିତ ସାଇକେଲ କିଣିପାରୁନାହାନ୍ତି। ସେ ସଦର ବ୍ଲକ୍ ଚକ ଗ୍ରାମରେ ତାଙ୍କ ନାନୀ ଘରେ ରହୁଛନ୍ତି। ଜନ୍ମରୁ ଅଜୟଙ୍କ ୨ଗୋଡ଼ର ପାଦ ଏବଂ ବାମ ହାତ ଅଧାରୁ ନାହିଁ। ତଥାପି ସେ ହାର ମାନିନାହାନ୍ତି। ନାନୀଙ୍କ ଘରୁ ବହୁ କଷ୍ଟରେ ସାଇକେଲରେ ପ୍ରାୟ ୧୦ କି.ମି. ଯିବା ଆସିବା କରି ପାଠ ପଢୁଥିବା କହିଛନ୍ତି। ଅଜୟଙ୍କ ବାପା ମାନବ ଦାସ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ବେଳେ ରୋଗଗ୍ରସ୍ତ ହୋଇ ପଡ଼ିଥିବାରୁ ୫ ବର୍ଷ ହେଲା କାମଧନ୍ଦା କରି ପାରୁନାହାନ୍ତି। ମା' ଇନ୍ଦ୍ରାରାଣୀ ଦାସ ଘରେ ରହି ତାଙ୍କ ଦେଖାରଖା କରିଥାନ୍ତି। ଭାଇ ସଞ୍ଜୟ ପୁରୀରେ ଏକ ଫାର୍ମରେ ଠିକା ଶ୍ରମିକ ଭାବରେ କାମ କରୁଛନ୍ତି। ମହଙ୍ଗା ଯୁଗରେ ତାଙ୍କୁ ମିଳୁଥିବା ଭିନ୍ନକ୍ଷମ ଭତ୍ତା ବାବଦରେ ୫ ଶହ ଟଙ୍କା ନିଅଣ୍ଟ ପଡୁଛି। ଉଚ୍ଚଶିକ୍ଷା ଲାଭକରି ଚାକିରିଟିଏ କରି ପରିବାରର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିବାକୁ ଆଶା ରଖିଛନ୍ତି। କଲେଜ ଯିବା ଆସିବା ପାଇଁ ବ୍ୟାଟେରିଚାଳିତ ଗାଡ଼ି ଖଣ୍ଡେ ମିଳିଲେ ସୁବିଧାରେ କଲେଜ ଯାଇପାରନ୍ତେ ବୋଲି ସେ କହିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ କହିଛନ୍ତି, ଭିନ୍ନକ୍ଷମଙ୍କ ପାଇଁ ସରକାର ଭତ୍ତା ଦେବା ସହ ସ୍ୱାବଲମ୍ବୀ ହେବାକୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ଏଥିପାଇଁ ଅନ୍‌ଲାଇନରେ ଆବେଦନ କରିବାକୁ ପଡ଼ିବ। ଏଥିସହ ବିଭିନ୍ନ ଅଞ୍ଚଳରେ ହେଉଥିବା ଶିବିରରେ ମଧ୍ୟ ଆବେଦନ କରିପାରିବେ।

## ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ



ସ୍ୱାଗତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାଙ୍ଗିରିପୋଷି,୧୪।୧୦
(ସଂଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ସେମିନାର କକ୍ଷରେ ସଂସ୍କୃତ ବିଭାଗ ତରଫରୁ ପରିଚାଳିତ ଦଶ ଦିନାତ୍ମକ ସଂସ୍କୃତ ସଂଭାଷଣ ବର୍ଗର ଉଦ୍‌ଯାପନ ତଥା +୩ ପ୍ରଥମ ବର୍ଷର ସଂସ୍କୃତ ସମ୍ମାନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଯାଇଛି । ବିଭାଗୀୟ ଅତିଥି ଅଧ୍ୟାପକ ଅଜୟ କୁମାର ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ବିଭାଗର ମୁଖ୍ୟ ପରେଶ ଚନ୍ଦ୍ର ଦାଶ ପରିଚାଳନା କରିବା ସହିତ ଅଭିଭାଷଣରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରି ଦଶ ଦିନ ଧରି ପରିଚାଳିତ ହେଉଥିବା ସଂସ୍କୃତ ସଂଭାଷଣ ବର୍ଗର ସଫଳତାରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିଭାବେ ନାକ୍ କୋଡିନେଟର ପ୍ରାଧ୍ୟାପକ ହରିହର ଶଙ୍ଖୁଆ, ସମ୍ମାନିତ ଅତିଥିଭାବେ ନାକ ସହ ସଂଯୋଜକ ପ୍ରାଧ୍ୟାପକ ରତିକାନ୍ତ ବେହେରା, ଅନ୍ୟତମ ସମ୍ମାନିତ ଅତିଥିଭାବେ ସହପ୍ରଶାସନିକ ଅଧିକାରୀ ଡ. ପ୍ରବୀର କୁମାର ରାଉତ, କିରଣ ପାଠକ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି କିପରି ଛାତ୍ରୀଛାତ୍ରମାନଙ୍କ କାର୍ଯ୍ୟ ପଦ୍ଧତିରେ ସମ୍ଭବ ସେ ବିଷୟରେ କହିଥିଲେ। ମୁଖ୍ୟ ବକ୍ତାଭାବେ ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପବିତ୍ର ମୋହନ ଦାଶ ଗଳ୍ପ ମାଧ୍ୟମରେ ପିଲାମାନଙ୍କୁ ଜୀବନର ପଥରେ ଆଗେଇ ଯିବାର ଆଲୋକ ପ୍ରଦର୍ଶନ କରାଇ ସଂସ୍କୃତର ମହାନତା ବର୍ଣ୍ଣନା କରିଥିଲେ। ସଭାରେ ହରପ୍ରୀୟା, ସୁଜତା, ପୂଜା, ସ୍ୱାଗତିକା, ଚିନ୍ମୟୀ, ରାଜେଶ, ମାମିନା, ମାନକ ପ୍ରମୁଖ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# 'ଚିଠି ମୋର ଟିକି ଚଢ଼େଇ'ର ପାଠକାର୍ପଣ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ, ୧୪।୧୦
(ରବିନାରାୟଣ ଖିଲାର)

### ନରହରି ବେହେରାଙ୍କ ସ୍ମୃତି ସମାରୋହ

ଭଦ୍ରକ ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସେବା, ସାହିତ୍ୟ, ସଂସ୍କୃତି, ସାମାଜିକ ସଙ୍ଗଠନ ଡ. ନରହରି ବେହେରାଙ୍କ ଟ୍ରଷ୍ଟ ପକ୍ଷରୁ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ମୁଖ୍ୟଅତିଥି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ବିଶିଷ୍ଟ ବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରେଣ୍ୟ ଅତିଥି ଡ. ପ୍ରମୋଦ କୁମାର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଖବରଦାତା ରବିନାରାୟଣ ଖିଲାର ପ୍ରମୁଖ ଯୋଗଦେଇ ଡ. ନରହରି ବେହେରାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେ ଧାମନଗର ଓ ସିମୁଳିଆ ବ୍ଲକରେ ବିଡିଓ, ଧାମନଗରରେ ତହସିଲଦାର ଓ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିଥିଲେ। ଟ୍ରଷ୍ଟର ସମ୍ପାଦକ ଅଧ୍ୟାପକ ନିହାର ରଞ୍ଜନ କର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କବୟିତ୍ରୀ ଜାନକୀ ପାଢ଼ୀ ମଞ୍ଚ ଆମନ୍ତ୍ରଣ କରିଥିଲେ। ପଣ୍ଡିତ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାର ମାନପତ୍ର ପାଠ କରିଥିଲେ କବୟିତ୍ରୀ ମନୋରମା ରାୟ। ତାଙ୍କ ଲିଖିତ ପୁସ୍ତକ 'ଚିଠି ମୋର ଟିକି ଚଢ଼େଇ'ର ପାଠକାର୍ପଣ ହୋଇଥିଲା।

ଆଇନଜୀବୀ ନିରାକାର ଜେନା, ମନୋରଞ୍ଜନ ଦାଶ, ଡ. ରମାକାନ୍ତ ନାୟକ, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ବାବୁଲାଲ ଦାସ, ପୁରୁଷୋତ୍ତମ ଧଳ, ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଝିଅ ଦେବୀଦତ୍ତ ବେଦାନ୍ତ ଓ ଶିକ୍ଷୟିତ୍ରୀ ପ୍ରଣତି ମଲିକ ସ୍ୱାଗତ, ସଙ୍ଗଠନ ସମ୍ପାଦକ ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଛବିଲତା ବିଶ୍ୱାଳ ଓ ପୂଜକ ସୁରେନ୍ଦ୍ର ନାଥ ପାଣି ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଲୋକ ଅଦାଲତ: ୭୯୧ ମାମଲା ସମାଧାନ

ବାରିପଦା, ୧୪।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)–ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ବାରିପଦାଠାରେ ଜିଲା ଓ ଦୌରା ଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ଜିଲା କୋର୍ଟ ଏବଂ ଅନ୍ୟ ତାଲୁକ କୋର୍ଟରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ ଲୋକଅଦାଲତରେ ମୋଟ ୯୮୨ ମାମଲା ମଧ୍ୟରୁ ୭୯୧ ମାମଲାର ଆପୋଷ ବିଚାର ହୋଇ ୪୩ ଲକ୍ଷ ୨ ହଜାର ୨୫୩ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ମୋଟରଯାନ ଦୁର୍ଘଟଣା ସମ୍ବନ୍ଧୀୟ ୨୭ଟି ମାମଲା ମଧ୍ୟରୁ ୨, ପାରିବାରିକ ସମ୍ବନ୍ଧୀୟ ୪୯ଟି ମାମଲାରୁ ୪, ରାଜସ୍ୱ ସମ୍ପର୍କିତ ୮୨୧ଟି ମାମଲା ମଧ୍ୟରୁ ୭୩୩ ଓ ଅନ୍ୟାନ୍ୟ ୬୯ଟି ମାମଲା ମଧ୍ୟରୁ ୫୨ଟିର ଫଇସଲା କରାଯାଇଛି। ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ଫାମିଲି କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି, ପ୍ରଥମ ଅତିରିକ୍ତ ଜିଲା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ଏସ୍‌ଡିଜେଏମ୍ ମିସେସ୍ ସୁଭାଷିନୀ ବେହେରାଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଜଜ୍ ପ୍ରମୁଖ ଉପସ୍ଥିତ ଥିଲେ। ରେଜିଷ୍ଟ୍ରାର ଆଶିଷ ପରିଚ୍ଛା ପରିଚାଳନା କରିଥିଲେ।

## 'ସମ୍ବିଧାନ ହେଉଛି ଗଣତନ୍ତ୍ରର ଆତ୍ମା'



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୧୪।୧୦ (ସନାତନ ରାଉତ)

ସମ୍ବିଧାନ ହେଉଛି ଗଣତନ୍ତ୍ରର ଆତ୍ମା ଏବଂ ଜନତାଙ୍କର ଜୀବନ ହେଉଛି ଗଣତନ୍ତ୍ର। ସାମ୍ବିଧାନିକ ବ୍ୟବସ୍ଥାରେ ନ୍ୟାୟପାଳିକା, ସିବିଆଇ, ନିର୍ବାଚନ କମିଶନ ଆଦି ସଂସ୍ଥାର କାର୍ଯ୍ୟାବଳୀ ଉପରେ କେନ୍ଦ୍ର ସରକାର ହସ୍ତକ୍ଷେପ କରି ସମ୍ବିଧାନର ମୌଳିକତା ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ଏକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ହାଇକୋର୍ଟ ଆଇନଜୀବୀ ତଥା ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନର ଜାତୀୟ ଉପସଭାପତି ଲକ୍ଷ୍ମୀଧର ପଙ୍ଗାରୀ କହିଛନ୍ତି। ଶନିବାର ଭଦ୍ରକ ଜିଲା ସଂସ୍କୃତି ଭବନରେ ସମ୍ବିଧାନ ସୁରକ୍ଷା ଅଭିଯାନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ 'ସମ୍ବିଧାନ ବଞ୍ଚାଅ–ଗଣତନ୍ତ୍ର ବଞ୍ଚାଅ' ଆଲୋଚନାଚକ୍ରରେ ଆଇନଜୀବୀ ଅଗଣି ଚରଣ ଜେନା ପୌରୋହିତ୍ୟ କରିଥିଲେ।

ଅନ୍ୟତମ ଆଲୋଚକ ଭାବେ ସ୍ତମ୍ଭକାର ଅଧ୍ୟାପକ ଗୋପବନ୍ଧୁ ଓ ଅଧିବକ୍ତା ଗିରିଧାରୀ ନାଥ ଯୋଗଦେଇ ସମ୍ବିଧାନର ବୈଶିଷ୍ଟ୍ୟ, ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ଗଣତାନ୍ତ୍ରିକ ବିଚାରଧାରା ଏବଂ ସମ୍ବିଧାନର ମୌଳିକ ଢାଞ୍ଚାକୁ ପରିବର୍ତ୍ତନ ପାଇଁ ଯେଉଁ ଅପଚେଷ୍ଟା କରାଯାଉଛି, ତାହାକୁ ଦେଶବାସୀ ବିରୋଧ କରିବା ଦରକାର ବୋଲି ମତପ୍ରକାଶ କରିଥିଲେ। ବରିଷ୍ଠ ସଭ୍ୟ ବଳରାମ ମଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଲଲାଟେନ୍ଦୁ ମଲିକ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ମନୋଜ ଜେନା ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ବିଚିତ୍ରାନନ୍ଦ ଜେନା, ଅକ୍ଷୟ କୁମାର ମଲିକ, ବିନୋଦ ସାହୁ, ବିକାଶ ନାଥ, ବିଶ୍ୱନାଥ ଜେନା, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଉଠା ଜଳସେଚନ ପ୍ରକଳ୍ପ ବୁଲି ଦେଖିଲେ ନାବାର୍ଡ ଡିଡିଏମ୍

ଚମ୍ପୁଆ,୧୪।୧୦(ମହେଶ୍ୱର ଦାସ): ନାବାର୍ଡ ଡିଡିଏମ୍(ଡିଷ୍ଟ୍ରିକ୍ଟ ଡେଭ୍‌ଲପମେଣ୍ଟ ମ୍ୟାନେଜର) ଦିପ୍ତିକାନ୍ତ ମଲ୍ଲିକ ଉଠା ଜଳସେଚନ ପ୍ରକଳ୍ପ ବୁଲି ଦେଖିବା ସହ ଚାଷୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ପରିଦର୍ଶନ ବେଳେ ଉଠା ଜଳସେଚନ ଜିଲା ନିର୍ବାହୀ ଯନ୍ତ୍ରୀ ସହଦେବ ସେଠୀ, ଚମ୍ପୁଆ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ, ଡିଡିଏମ୍ ଦିପ୍ତିକାନ୍ତ ମଲ୍ଲିକ ଚମ୍ପୁଆ ବ୍ଲକ୍‌ର ମେର୍ମେଦା ନାଳ ଉପରେ ଥିବା ଉଠା ଜଳସେଚନ ପ୍ରକଳ୍ପ (୧) ଓ (୨) ପରିଦର୍ଶନ କରିବା ସହିତ ପ୍ରକଳ୍ପର ସହାୟତାରେ କରାଯାଇଥିବା ଧାନ ଚାଷ ବୁଲି ଦେଖିଥିଲେ। ଏତଦ୍ ବ୍ୟତୀତ ଚାଷୀଙ୍କୁ ଧାନ ସହ ପନି ପରିବା ଚାଷ ପାଇଁ ପରାମର୍ଶ ଦେଇଥିଲେ। କମ ପାଣି ବ୍ୟବହାର କରି କିପରି ଅଧିକ ଅମଳ ଦ୍ୱାରା ଆର୍ଥିକ ସ୍ୱାବଲମ୍ବି ହୋଇପାରିବେ ସେ ନେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ।


ନାବାର୍ଡ ଡିଡିଏମ୍‌ଙ୍କ ପରିଦର୍ଶନ।

# ଜନ୍ମଦିନରେ ଚାରାରୋପଣ କରିବାକୁ ଆହ୍ୱାନ

ରୂପସା, ୧୪।୧୦(ବାଞ୍ଛାନିଧି ଦେ)

### ବନ ମହୋତ୍ସବ, ପରିବେଶ ସଚେତନତା

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ଆମ୍ବଗଡ଼ିଆ ବିକାଶ ପରିଷଦ ଓ ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ମିଳିତ ସହଯୋଗରେ ମହାବିଦ୍ୟାଳୟ ପରିସରରେ ଗୋପବନ୍ଧୁ ଜୟନ୍ତୀ ପାଳନ ସହ ପରିବେଶ ସୁରକ୍ଷା ସଚେତନତା, ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଉତ୍ସବରେ ଅଧ୍ୟକ୍ଷତା କରି ପରିବେଶ ସୁରକ୍ଷା ଦିଗରେ ଯୁବ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମ ମୁଖ୍ୟ ଆଚାର୍ଯ୍ୟ ବିଜୟ ଜୀ, ଆମ୍ବଗଡ଼ିଆ ବିକାଶ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ଅଧ୍ୟାପକ ଚନ୍ଦନ କୁମାର ଦାସ ଓ ଅଧ୍ୟାପିକା ଇତିଶ୍ରୀ ମହାନ୍ତ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା, ଜୀବନ ରକ୍ଷା ଦିଗରେ ଛାତ୍ରଛାତ୍ରୀଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଜନ୍ମଦିନରେ ଚାରାରୋପଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜ୍ୟୋତିରଞ୍ଜନ ବର, ମନ୍ମଥ ଦଳେଇ, ଅବିନାଶ ବେହେରା, ହେମନ୍ତ କୁମାର ଦାସ, ଯଜ୍ଞେଶ୍ୱର ଗିରି, ଜସ୍ମିନ ଭୋଇ, ନେହା ରାଉତ, ଅନିତା ସାହୁ ଓ ହରିଶଙ୍କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଆମ୍ବ ଓ ନଡ଼ିଆ ଚାରାରୋପଣ କରାଯାଇଥିଲା। ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରଛାତ୍ରୀ।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ଏମ୍ପ୍ଲୟବିଲିଟି ତାଲିମ

### ୧୨ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି

ବାଲେଶ୍ୱର, ୧୪।୧୦ (ମାନସ ବିଶ୍ୱାଳ)


ତାଲିମ କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଉଛି।

ବାଲେଶ୍ୱର ଜିଲା ରେମୁଣା ଗୋଲେଇ ନିକଟରେ ଥିବା ଟାଟା ପାୱାର ନର୍ଦ୍ଦନ ଓଡ଼ିଶା (ଟିପିଏନ୍‌ଓଡିଏଲ) ପକ୍ଷରୁ ଏମ୍ପ୍ଲୟାବିଲିଟି ତାଲିମ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ସହିତ ଟିପିଏନ୍‌ଓଡିଏଲ୍ ଏମ୍ପ୍ଲୟାବିଲିଟି ତାଲିମ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଓ ଯାଜପୁରର ୧୨ଜଣ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

ରାଇରଙ୍ଗପୁରର ଗୋରୁମହିଷାଣୀ କଲେଜ ଓ ଯାଜପୁର ଭିଟିସିରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଆୟୋଜିତ 'ନିଯୁକ୍ତି ତାଲିମ'କୁ ସଫଳତାର ସହ ଶେଷ କରିଥିବା ପ୍ରଶିକ୍ଷାର୍ଥୀମାନେ ଗତ ୫ତାରିଖରେ ଗୋରୁମହିଷାଣୀ କଲେଜରେ ଆୟୋଜିତ ନିଯୁକ୍ତି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଲିଖିତ ପରୀକ୍ଷାରେ ମୋଟ୍ ୪୯ ପ୍ରାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ୨୭ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ଲିଖିତ ପରୀକ୍ଷା ପରେ ଟିଆର୍ ପର୍ଯ୍ୟାୟ, ଏଚ୍‌ଆର୍ ପର୍ଯ୍ୟାୟ ଓ ଏମ୍‌ଆର୍ ପର୍ଯ୍ୟାୟ ହୋଇଥିଲା। ଟିସିଏସ୍‌ର ଏଚ୍‌ଆର୍ ଟିମ୍ ସମସ୍ତ ପ୍ରାର୍ଥୀଙ୍କ ସାକ୍ଷାତକାର ନେଇଥିଲେ ଓ ୧୨ଜଣ ପ୍ରାର୍ଥୀଙ୍କୁ ଚୟନ କରିଥିଲେ। ଚୟନ କରାଯାଇଥିବା ପ୍ରାର୍ଥୀମାନଙ୍କୁ ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ, ସମସ୍ୟା ସମାଧାନ, ସମୟ ପରିଚାଳନା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଉପରେ ୨୧ଦିନିଆ କଠୋର ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମରେ ପ୍ରାର୍ଥୀମାନଙ୍କୁ ବାୟୋଡ଼ାଟା ଲିଖନ ଓ ସାକ୍ଷାତକାରରେ ଅଂଶଗ୍ରହଣ ଉପରେ କର୍ମଶାଳା ଆୟୋଜନ କରାଯାଇଥିଲା। ଟିପିଏନ୍‌ଓଡିଏଲ୍ ପକ୍ଷରୁ ଏହି ପିଲାମାନଙ୍କ ଲାଗି ଅନ୍ୟାନ୍ୟ ପ୍ଲେସମେଣ୍ଟ ସୁଯୋଗ ସନ୍ଧାନ କରାଯାଉଛି। ଏହାଦ୍ୱାରା ଟିସିଏସ୍ ପକ୍ଷରୁ ଏମ୍ପ୍ଲୟାବିଲିଟି ପାଠ୍ୟକ୍ରମରେ ନିଯୁକ୍ତି ପ୍ରଦାନ କରାଯାଇଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବାଲେଶ୍ୱର ଭିଟି କେନ୍ଦ୍ର ସମେତ ଏବେ ୨୪ରେ ପହଞ୍ଚିଛି। ସୂଚନା ଯେ, ଟିପିଏନ୍‌ଓଡିଏଲ୍ ଧନ୍ଦାମୂଳକ ତାଲିମ କେନ୍ଦ୍ର ହେଉଛି ଟିପିଏନ୍‌ଓଡିଏଲ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)ର ଏକ ଅଂଶ। ଯାହାର ଲକ୍ଷ୍ୟ ହେଉଛି ଶିକ୍ଷା ଓ ଦକ୍ଷତା ବିକାଶ ଜରିଆରେ ଅନଗ୍ରସର ଗୋଷ୍ଠୀର ଲୋକଙ୍କୁ ସଶକ୍ତ କରିବା। ଏହି କେନ୍ଦ୍ରର ଶୁଭାରମ୍ଭ ପର ଠାରୁ ଶତାଧିକ ଲୋକ ଉପକୃତ ହୋଇଛନ୍ତି ଏବଂ ଅନେକ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ଜାରି ରଖିଛି।

ଏନେଇ ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର ଛାତ୍ରୀଛାତ୍ରମାନଙ୍କ ଏହି ସଫଳତାକୁ ନେଇ ନିଜ ଉତ୍ସାହ ପ୍ରକାଶ କରିବା ସହ କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କ ସଫଳତା ନେଇ ଅତ୍ୟନ୍ତ ଉତ୍ସାହିତ। ଏହା ଜରିଆରେ ଛାତ୍ରୀଛାତ୍ରମାନେ ସେମାନଙ୍କ ପରିବାର ଓ ଗୋଷ୍ଠୀ ସମୁଦାୟକୁ ଆର୍ଥିକସ୍ତରରେ ସହଯୋଗ କରିପାରିବେ। ଆଗାମୀ ଦିନରେ ଏହି ଛାତ୍ରୀଛାତ୍ରମାନେ ସ୍ଥାନୀୟ ଅଞ୍ଚଳର ଅନ୍ୟ ପିଲା ଓ ଯୁବପିଢ଼ିମାନଙ୍କ ଲାଗି ପ୍ରେରଣା ଓ ଉତ୍ସାହରେ ପରିଣତ ହେବେ।

## ଲଜ୍‌ରେ ପୋଲିସର ଚଢ଼ାଉ

ଭଦ୍ରକ,(ସନାତନ ରାଉତ)- ଭଦ୍ରକ ବାଇପାସ୍‌ସ୍ଥିତ ଏକ ଲଜ୍‌ରେ ଟାଉନ ପୋଲିସ ଶନିବାର ସନ୍ଧ୍ୟାରେ ଚଢ଼ାଉ କରିଛି। ଲଜ୍‌ରୁ ୩ ଯୁବତୀ ଓ ୨ଜଣ ଯୁବକଙ୍କୁ ପୋଲିସ ଥାନାକୁ ନେଇ ଅଟକ ରଖିଛି। ୩ ଯୁବତୀଙ୍କ ମଧ୍ୟରୁ ୨ଜଣ ବଙ୍ଗୀୟ ଯୁବତୀ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି। ତଦନ୍ତ ଚାଲିଥିବାରୁ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

## ଆଜି କ'ଣ କେଉଁଠି

ଭଦ୍ରକ

- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପନୀ, ସ୍ଥାନ: ଆଇ ଲଭ୍ ପଏଣ୍ଟ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଭଦ୍ରକ, ସମୟ: ସକାଳ ୯।
- ବୁଢ଼ାଗଣେଶ ଭସାଣି, ସ୍ଥାନ: ପୁରୁଣାବଜାର, ସମୟ: ଅପରାହ୍ଣ ୨।

## ସ୍ତ୍ରୀଙ୍କ ମୃତ୍ୟୁର ୫ ଦିନ ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର, ୧୪।୧୦ (ମାନସ ମହାନ୍ତି)-ସ୍ତ୍ରୀଙ୍କ ଆତ୍ମହତ୍ୟାର ୫ ଦିନ ପରେ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବଡ଼ଗାଁରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ହେଲେ ଗ୍ରାମର ଆକାଶ ନାଏକ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୦୨୩) ରୁଜୁ କରାଯାଇଛି। ପ୍ରକାଶ ଯେ, ୫ ଦିନ ତଳେ ଆକାଶଙ୍କ ସ୍ତ୍ରୀ ସୁରୁଦି ନାଏକ(୧୮) ଆତ୍ମହତ୍ୟା କରିଥିଲେ। ସ୍ତ୍ରୀଙ୍କ ମୃତ୍ୟୁରେ ମାନସିକ ଭାରସାମ୍ୟ ହରାଇ ଆକାଶ ଚରମ ପଦକ୍ଷେପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ପୋଖରୀରେ ବୁଡି ଶିଶୁ ମୃତ

ସୋର, ୧୪।୧୦(ଜନ୍ମେଜୟ ମିଶ୍ର)- ସୋର ଥାନା ବାହାନଗା ପଞ୍ଚାୟତ ଇଚ୍ଛାପୁର ଗ୍ରାମର କମ୍ବୁନାଥ ଦାସଙ୍କ ୨ ବର୍ଷର ପୁଅ ଭବେଶ ଅପରାହ୍ଣରେ ଖେଳୁଥିବା ବେଳେ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଉକ୍ତ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୩ ଚୋରି ଟ୍ରାନ୍ସଫର୍ମର ଜବତ

ପାଟଣା,୧୪।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳରୁ ପୋଲିସ ୩ ଚୋରି ଟ୍ରାନ୍ସଫର୍ମର ଜବତ କରିଛି। ତୁରୁମୁଙ୍ଗା ଥାନା କେନ୍ଦେଇପଶି ପଞ୍ଚାୟତ ଅଁଳାଡ଼ିଆ ଗ୍ରାମ ଜଙ୍ଗଲ ରାସ୍ତାରେ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ୧୬ କିଲୋ ୱାଟ ଟ୍ରାନ୍ସଫର୍ମର କଏଲ କାଢୁଥିଲେ। କେନ୍ଦେଇପଶିରୁ ଅପେରା ଦେଖି ଫେରୁଥିବା ଲୋକଙ୍କ ହାବୁଡ଼ରେ ପଡ଼ିଯିବାରୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ତୁରୁମୁଙ୍ଗା ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଜନ୍ମଜୟ ବେହେରାଙ୍କୁ ପଚାରିବାରୁ ଟ୍ରାନ୍ସଫର୍ମରଟି ଆମ ସବଡିଭିଜନର କେଉଁଠାରୁ ଚୋରି ହୋଇଥିବାର ଖବର ହସ୍ତଗତ ହୋଇନାହିଁ। ସିରିଏଲ ନମ୍ବର ଅନୁଯାୟୀ ତଦନ୍ତ ଆରମ୍ଭ ହୋଇଛି। ଅନୁରୂପ ସାହାରପଡ଼ା ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ସିଲିପଦା ନିକଟ ଦଳେଇପଶି କାଜୁ ଜଙ୍ଗଲରୁ ଏକ ୧୬ ଓ ଏକ ୧୦ କିଲୋୱାଟର ଟ୍ରାନ୍ସଫର୍ମରର ବଡ଼ି ପଡ଼ିଥିବା ଦେଖି ବିଦ୍ୟୁତ ଯନ୍ତ୍ରୀ ଆଶୁତୋଷ ସାହୁ ସାହାରପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

## ୨ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

### ଜିଲାସ୍ତରୀୟ ଲୋକ ଅଦାଲତ

କେନ୍ଦୁଝର,୧୪।୧୦(ଦୀପକ ମିଶ୍ର): କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ଜିଲା କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ, ବଡ଼ବିଲ ଓ ହାଟଡ଼ିହୀ ଅଦାଲତରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ଓ ଦୌରାଜଜ୍ ଅଶୋକ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ୍ ମମିତା ଦାସ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରଞ୍ଜୁଲତା ଲେଙ୍କା, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଶିବାନୀ ମହାପାତ୍ର, ଅମ୍ବିକେଶ ପାଣିଗ୍ରାହୀ, ଆଦ୍ୟାଶା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ୨୯ ମୋଟରଯାନ ଦୁର୍ଘଟଣା ମାମଲାର ବିଚାର କରାଯାଇ ୨ କୋଟି ୫ ଲକ୍ଷ ୮୬ ହଜାର ୬୨୪ ଟଙ୍କା ଦେବା ପାଇଁ ବୀମା କମ୍ପାନୀକୁ ନିର୍ଦ୍ଦେଶ ହୋଇଥିଲା। ୨ଟି ପାରିବାରିକ ମାମଲା, ୬୧୭୭ ରାଜସ୍ୱ ମାମଲା ବିଚାର କରାଯାଇ ୨୯ ଲକ୍ଷ ୨୭ ହଜାର ୬୩୦ ଟଙ୍କା ଆଦାୟ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ମାମି ବେହେରା ପରିଚାଳନା କରିଥିଲେ।

# ହାଇଲାଣ୍ଡ ମେରାଇନିଂ ଫାଟକରେ ତାଲା ପକାଇଲେ ଲୋକେ

ବାହାନଗା,୧୪।୧୦(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ଗଡଭଙ୍ଗ-୪ ଗ୍ରାମର ଇଲେକ୍ଟ୍ରି ଖୁଣ୍ଟକୁ ହାଇଲାଣ୍ଡ ମେରାଇନିଂ କମ୍ପାନୀର ଚିଙ୍ଗୁଡି ବୋଝେଇ ଟ୍ରକ ଧକ୍କା ଦେଇ ଭାଙ୍ଗି ଦେଇଥିଲା। ଏହାକୁ ମରାମତି କରିବାରେ ବିଳମ୍ବ ହେବାରୁ ଗ୍ରାମବାସୀ ଶନିବାର ଉତ୍ତ୍ୟକ୍ତ ହୋଇ ଫାଟକରେ ତାଲା ପକାଇ ଦେଇଥିଲେ। ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ଫୋନ ମାଧ୍ୟମରେ ମାଲିକଙ୍କ ସହ ଆଲୋଚନା କରାଇଥିଲେ। ପରେ ଲୋକେ ଫାଟକରୁ ତାଲା ଖୋଲିଥିଲେ।

ଖନ୍ତାପଡା ପଞ୍ଚାୟତ ଗଡଭଙ୍ଗ-୪ ଗ୍ରାମ ନିକଟରେ ହାଇଲାଣ୍ଡ ମେରାଇନିଂ କମ୍ପାନୀ ରହିଛି। ତେବେ ୩ଦିନ ତଳେ ଗ୍ରାମରାସ୍ତା ଦେଇ କମ୍ପାନୀକୁ ଏକ ଚିଙ୍ଗୁଡି ବୋଝେଇ ଟ୍ରକ ଆସିଥିବା ବେଳେ ଗ୍ରାମକୁ ଯାଇଥିବା ଇଲେକ୍ଟ୍ରି ଖୁଣ୍ଟିକୁ ଧକ୍କା ଦେଇ ଭାଙ୍ଗି ଦେଇଥିଲା। ଏଥିରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ କମ୍ପାନୀ ମ୍ୟାନେଜର ସୁଶାନ୍ତ ରାଉତଙ୍କ ସହିତ ଆଲୋଚନା କରିଥିଲେ। ପରେ ସେ ଖୁଣ୍ଟି ଓ ବିଦ୍ୟୁତ ତାରକୁ ମରାମତି କରିଦେବେ ବୋଲି କହିଥିଲେ ମଧ୍ୟ ଆଉ କରି ନ ଥିଲେ। କମ୍ପାନୀରୁ ବାହାରୁଥିବା ଦୁର୍ଗନ୍ଧ ପାଣି ବିଲକୁ ଛଡାଯାଉଥିବାରୁ ସ୍ଥାନୀୟ ଲୋକେ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଗ୍ରାମବାସୀ ଆସିବା ବେଳକୁ କମ୍ପାନୀ ମ୍ୟାନେଜର ବାଲେଶ୍ୱର ପଳାଇ ଯାଇଥିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଫାଟକ ଆଗରେ ହୋହଲ୍ଲା କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ।



ଶେଷରେ ପୋଲିସ୍ ସହିତ କମ୍ପାନୀ ମାଲିକ କଥା ହେବା ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ତାଲା ଖୋଲିଥିଲେ। ୧୦ଦଫା ଦାବି ନେଇ ଗ୍ରାମବାସୀ ହାଇଲାଣ୍ଡ ଏଗ୍ରୋ ଲିମିଟେଡ କମ୍ପାନୀ ଏଚ୍‌ଆର ମୁଖ୍ୟ ସୁଶାନ୍ତ କୁମାର ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହି ଦାବି ଅନୁଯାୟୀ କମ୍ପାନୀ ମୁଖ୍ୟ ରାଉତ ୧୫ଦିନ ମଧ୍ୟରେ ପୂରଣ କରିବା ଲାଗି ଲିଖିତ ପ୍ରତିଶ୍ରୁତି ଗ୍ରାମବାସୀଙ୍କୁ ଦେବା ପରେ ସମସ୍ୟା ସମାଧାନ ହୋଇଥିଲା।

# ଡେଙ୍ଗୁରେ ଯୁବତୀଙ୍କ ମୃତ୍ୟୁ

## ୧୦ ଦିନରେ ୨ ଜଣଙ୍କ ଜୀବନ ଗଲାଣି

ଯୋଡ଼ା,୧୪।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଦିନକୁ ଦିନ ଡେଙ୍ଗୁ କାୟ ବିସ୍ତାର କରିବାରେ ଲାଗିଛି। ଏହି ରୋଗରେ ଶତାଧିକ ଲୋକ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଶନିବାର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଏହି ରୋଗର ଚିହ୍ନଟ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଯୁବତୀଙ୍କ ମୃତ୍ୟୁ ଘଟିଥିବାରୁ ସମଗ୍ର ସହରରେ ଆତଙ୍କ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଗୁରୁବାର ଅଞ୍ଚଳର ମୋନାଲିସା ପ୍ରଧାନ ନାମକ ଯୁବତୀ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ଡାକ୍ତରୀ ପରୀକ୍ଷା ପରେ ସେ ଡେଙ୍ଗୁ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତାଙ୍କର ରକ୍ତରେ ପ୍ଲେଟ୍‌ଲେଟ ପରିମାଣ ହ୍ରାସ ପାଇବାରୁ ତାଙ୍କୁ ଶୁକ୍ରବାର ରାତିରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ସେହିପରି ମାତ୍ର ୧୦ଦିନ ମଧ୍ୟରେ ଅଞ୍ଚଳର ସନ୍ଧ୍ୟାରାଣୀ ସେଠୀ ନାମକ ଜଣେ ଯୁବତୀଙ୍କର ସମାନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର କୁମାର ପୃଷ୍ଟି କହିଛନ୍ତି, ଜିଲାରେ ପ୍ଲେଟଲେଟ୍‌ର ବ୍ୟବସ୍ଥା ନ ଥିବାରୁ ରୋଗୀ ମାନେ ଅନ୍ୟତ୍ର ଚିକିତ୍ସିତ ହେଉଛନ୍ତି। ତାଙ୍କର ରିପୋର୍ଟ ଜିଲା ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ। ଏ ନେଇ ଯୋଡ଼ା ପୌର ଅଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁଙ୍କ ସହିତ କଥାବାର୍ତ୍ତା କରିବେ ବୋଲି କହିଥିଲେ। ପ୍ରକାଶଯୋଗ୍ୟ, ଯୋଡ଼ା ଅଞ୍ଚଳରେ ଶହ ଶହ ସଂଖ୍ୟାରେ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ମାତ୍ର ଡେଙ୍ଗୁ ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ସମଗ୍ର ଜିଲାରେ କୌଣସି ବ୍ୟବସ୍ଥା ନଥିବାରୁ ସେମାନଙ୍କୁ ସୁଦୁର କଟକ କିମ୍ବା ଭୁବନେଶ୍ୱର ଚିକିତ୍ସା ନିମନ୍ତେ ଯିବାକୁ ପଡୁଛି। ଉପଯୁକ୍ତ ଚକିତ୍ସା ଅଭାବରୁ ଅନେକ ମୃତ୍ୟୁବରଣ କରିଥିବା ଅଭିଯୋଗ ହେଉଛି। ଯୋଡ଼ା ପୌରପାଳିକାର ୭ନଂ. ୱାର୍ଡ ସହିଦନଗରରେ ରୋଗୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି।

# 'ସମର୍ପଣ ଭାବ ରହିଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ'



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ।

## ସିନାପ୍‌ସ୍-୨୦୨୩ ଅନୁଷ୍ଠିତ

ବାଲେଶ୍ୱର,୧୪।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବିବେକାନନ୍ଦ ମାର୍ଗରେ ଥିବା ସେଣ୍ଟ ଭିନ୍‌ସେଣ୍ଟସ୍ କନଭେଣ୍ଟସ୍ ସିନିୟର ସେକେଣ୍ଡାରୀ ବିଦ୍ୟାଳୟରେ ଶନିବାର ବିଜ୍ଞାନ ତଥା ଶିଳ୍ପକଳା ପ୍ରଦର୍ଶନୀ (ସିନାପ୍‌ସ୍-୨୦୨୩) ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଆର୍‌ଡିଓର ନିର୍ଦ୍ଦେଶକ ବୈଜ୍ଞାନିକ ବି. ସୁଚରିତା ଯୋଗଦେଇ ସମର୍ପଣ ଭାବ ରହିଲେ ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ। ସେହିପରି ସାଧନା ରହିଲେ ସିଦ୍ଧିଲାଭ ସମ୍ଭବ ବୋଲି ମତ ରଖିଥିଲେ।

ଚଳିତବର୍ଷ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିରେ କଳା ଓ ବିଜ୍ଞାନ ବ୍ୟତୀତ ହିନ୍ଦୀ, ଓଡ଼ିଆ ସାହିତ୍ୟ, ଇଂରାଜୀ, ସାମାଜିକ ବିଜ୍ଞାନ, ପରିବେଶ ବିଜ୍ଞାନ, ଗଣିତ, କମ୍ପ୍ୟୁଟର ଓ କ୍ରୀଡ଼ା ଆଦି ବିଭିନ୍ନ ବିଷୟରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ଶିଶୁ ଶ୍ରେଣୀର ପିଲାମାନେ ନିଜର କଳା କୌଶଳମାନ ବିଚକ୍ଷଣ ଭାବେ ପ୍ରଦର୍ଶନ କରି ଦକ୍ଷତାକୁ ପ୍ରମାଣ କରିଥିଲେ। ସମାରୋହରେ ଛାତ୍ରୀଛାତ୍ରଙ୍କ ମାତାପିତା, ଅଭିଭାବକ ତଥା ଅନ୍ୟ ଅତିଥିମାନେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଅଧ୍ୟକ୍ଷା ସିଷ୍ଟର ଦୀପି, ସିଷ୍ଟର ସୋଫି, ସିଷ୍ଟର ଚୈତନ୍ୟ, ସିଷ୍ଟର ସୌମ୍ୟାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକଳାପ ସୁରୁଖୁରୁରେ ପରିଚାଳିତ ହୋଇଥିଲା।

## ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ପାଇଁ ପ୍ରସ୍ତୁତି

ରୂପସା, ୧୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୨୦୨୪ ନୂଆ ବର୍ଷରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ଓ ସିଂଲା ନୃତ୍ୟ ମହୋତ୍ସବ ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଜୟନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୦୨୪ ଜାନୁୟାରୀ ୧ରୁ ଆରମ୍ଭ ହୋଇ ୯ତାରିଖରେ ଶେଷ ହେବ। ପୁରୀ ଶ୍ରୀକ୍ଷେତ୍ରରୁ ଆଜ୍ଞାମାଳ ଆସିବା ସହିତ ୧୦୮ ଶୁଭ କଳସ ଯାତ୍ରା, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦୁର୍ଲ୍ଲଭ ବତ୍ରିଶ ବେଶ, ପାର୍ଶ୍ୱ ଦେବାଦେବୀଙ୍କ ମୃଣ୍ମୟ ମୂର୍ତ୍ତି, ଯଜ୍ଞାଦି କାର୍ଯ୍ୟକ୍ରମ, ଅନ୍ନ ମହୋତ୍ସବ, ଗ୍ରାମୀଣ ମେଳା, ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ହୋଇଛି। କମିଟି ସମ୍ପାଦକ କମଳାକାନ୍ତ ଅଣ୍ଡିଆ, ଉପଦେଷ୍ଟା ପର୍ଶୁରାମ ମିଶ୍ର ଓ ପ୍ରିୟବ୍ରତ ପଣ୍ଡା, ପ୍ରଧାନସେବକ ରବି ନାରାୟଣ ଗିରି, ମହାସଚିବ ମନୋରଞ୍ଜନ ଗିରି, ଉପସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସଙ୍ଗଠନ ସମ୍ପାଦକ ହେମନ୍ତ କୁମାର ମିଶ୍ର ଓ ପର୍ଯ୍ୟବେକ୍ଷକ ରଜନୀକାନ୍ତ ଘଡ଼ାଇ ଉପସ୍ଥିତ ଥିଲେ।

## ନବନିଯୁକ୍ତ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଇରମ ଶହୀଦ ପୀଠରେ ମାଲ୍ୟାର୍ପଣ କରାଯାଉଛି।

ବାସୁଦେବପୁର,୧୪।୧୦ (ନାରାୟଣ ପ୍ରସାଦ ବାରିକ୍)

ନବନିଯୁକ୍ତ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ କର୍ମକର୍ତ୍ତାଙ୍କୁ ବାସୁଦେବପୁର ଭାଜପା ଓ ଯୁବମୋର୍ଚ୍ଚା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ଏକ ସୁସଜ୍ଜିତ ଗାଡ଼ିରେ ଶୋଭାଯାତ୍ରାରେ ପଦ୍ମପୁରଠାରୁ ଶହୀଦ ପୀଠ ଇରମ ପର୍ଯ୍ୟନ୍ତ ନିଆଯାଇଥିଲା। ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାସ ପଣ୍ଡା, ସମ୍ପାଦକ ମାନସ ସାହୁ, ସଂଯୋଜକ ତପନ କୁମାର ନାୟକ ଓ ଅନ୍ୟ କର୍ମକର୍ତ୍ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ଜିଲା ସଭାପତି ଦୀନବନ୍ଧୁ ପତି, ବରିଷ୍ଠ ନେତା ଅଶୋକ ସାହୁ, ଜିଲା ଉପସଭାପତି ଉଦୟ ନାରାୟଣ ମଳିକ, ରାଜ୍ୟ ସାଧାରଣ ସମ୍ପାଦକ ଅଭିମନ୍ୟୁ ସେଠୀ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ବାସୁଦେବ ବାରିକ, ମନୋଜ କୁମାର ନାୟକ, ତାଜୁ ଖାଁଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ନେତୃମଣ୍ଡଳୀ ସ୍ୱାଗତ କରିବା ସହ ଇରମ ଶହୀଦ ପୀଠ ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ଇରମ ମଣ୍ଡଳର ସଭାପତି ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସମେତ ଶତାଧିକ ଭାଜପା କର୍ମୀ ଓ ଯୁବମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ତେଜିଲା ମଦ ବିରୋଧୀ ଆନ୍ଦୋଳନ

## ସାମିଲ ହେଲେ ଶତାଧିକ ମହିଳା

ପାଟଣା,୧୪।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନାପଶି ପଞ୍ଚାୟତକୁ ମଦମୁକ୍ତ କରିବା ପାଇଁ ଶତାଧିକ ମହିଳା ଏକାଠି ହୋଇ ପ୍ରତିବାଦ କରିଛନ୍ତି। ସରକାରୀ ଲାଇସେନ୍ସ ପ୍ରାପ୍ତ ଓ ଚୋରା ମଦ ବିକ୍ରିକୁ ବିରୋଧ କରାଯାଇଛି। ମଦ ଯୋଗୁ ଗ୍ରାମରେ, ପରିବାରରେ ଅଶାନ୍ତି ବଢୁଛି, ଘରେ କଳି ଓ ମାରପିଟ ହେଉଛି। ଏ ନେଇ ଶନିବାର ସର୍ବ ଭାରତୀୟ ମହିଳା ସଂଗଠନର ସମ୍ପାଦିକା ସଂଯୁକ୍ତା ସାମଲଙ୍କ ନେତୃତ୍ୱରେ ମହିଳାମାନେ ବରୁଡିପଶି ଗ୍ରାମରୁ ପ୍ଲାକାର୍ଡ ଧରି ଏବଂ ମଦ ବିରୋଧରେ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରି ପଦ୍ମକେଶରପୁର, ପଦ୍ମପୁର, କୋଡ଼ଖମଣ, ଯମୁନାପଶି, ଗୋଡ଼ିପୋଖରୀ ଗ୍ରାମ ପରିକ୍ରମା କରି ଯମୁନାପଶି ପଞ୍ଚାୟତରେ ପହଞ୍ଚିଥିଲେ। ପଞ୍ଚାୟତରେ ମଦ ବିକ୍ରି ବନ୍ଦ ପାଇଁ ସ୍ଥାନୀୟ ସରପଞ୍ଚ ଶଶୀଭୂଷଣ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଯମୁନାପଶି ହାଟପଡ଼ିଆରେ ଏକ ସଭା ଆୟୋଜନ ହୋଇଥିଲା। ସଭାରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ଦ୍ରୌପଦି ମହାନ୍ତ, ଅଲ ଇଣ୍ଡିଆ କିସାନ କ୍ଷେତ ମଜଦୁର ସଂଗଠନର ପ୍ରକାଶ ମଲ୍ଲିକ ଉଦ୍‌ବୋଧନ ଦେଇ ମଦକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ଦାବି କରିବା ସହ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ୱାର୍ଡ ମେମ୍ବର ତେଜସ୍ୱିନୀ ନାଏକ, ଆରତି ନାଏକ, ସବିତା ମହାକୁଡ଼, ଲକ୍ଷ୍ମୀପ୍ରିୟା ନାଏକ, ହୀରାମଣୀ ନାଏକ, ମଞ୍ଜୁଲତା ମହାନ୍ତଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମଦ ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ମହାଳୟାରେ ପିତୃପୁରୁଷଙ୍କ ତର୍ପଣ-ମା'ଙ୍କ ଶୁଭ ଆଗମନ

ଭୋଗରାଇ, ୧୪।୧୦(ପ୍ରଦୀପ ଦାସ)

ମହାଳୟା ଅମାବାସ୍ୟା ତିଥିରେ ବାଲେଶ୍ୱର ଜିଲା ବିଭିନ୍ନ ନଦୀରେ ଅସଂଖ୍ୟ ଶ୍ରଦ୍ଧାଳୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିବା ସହ ଶ୍ରାଦ୍ଧାଦି ସମାପନ କରିଛନ୍ତି। ଭୋଗରାଇ, ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ବାଲିଆପାଳର ଚୌମୁଖ, ଡଗରା ଆଦି ସମୁଦ୍ରକୂଳ ଓ ସୁବର୍ଣ୍ଣରେଖା ନଦୀକୂଳରେ ବହୁ ଶ୍ରଦ୍ଧାଳୁ ସମୁଦ୍ର ଓ ନଦୀରେ ସ୍ନାନ କରି ପଣ୍ଡାମାନଙ୍କ ଦ୍ୱାରା କଦଳୀ ପତ୍ରରେ ଫୁଲ, ଚନ୍ଦନ, ଦୀପ, ଧୂପ, ଅରୁଆଚାଉଳ, ତିଳ, ତୁଳସୀପତ୍ର ନୂତନ ଗାମୁଛା ଶ୍ରଦ୍ଧାଦି ରଖି ମନ୍ତ୍ର ପାଠ ଓ



ଆରାଧନା କରିଛନ୍ତି। ପିତୃପକ୍ଷର ଅବସାନ ପରେ ମାତୃପକ୍ଷରେ ଦେବୀଦୁର୍ଗାଙ୍କ ଆଗମନୀ ଶୁଭ ବାର୍ତ୍ତାର ସୂଚନା ମିଳିଛି। ମହାଳୟାରୁ ବିଭିନ୍ନ ଘରୋଇ ଓ ସାର୍ବଜନୀନ ପୂଜାମଣ୍ଡପରେ ମା' ଦୁର୍ଗାଙ୍କ ମୂର୍ତ୍ତି କାରିଗରଙ୍କ ଶେଷ ସ୍ପର୍ଶରେ ଜୀବନ୍ତ ହେଉଥିବା ବେଳେ ପୂଜାମଣ୍ଡପ ତୋରଣଗୁଡିକ ସୁସଜ୍ଜିତ ହେଉଛି।

# ଭାଜପାରେ ମିଶିଲେ ୩୦ ପରିବାର

ଚାନ୍ଦବାଲି,୧୪।୧୦(କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବିଜେଡି ଗଡ଼ ଥିବା ବିଧାୟକଙ୍କ ନିଜ ପଞ୍ଚାୟତରେ ୩୦ ପରିବାର ଶଙ୍ଖ ଛାଡ଼ି ପଦ୍ମ ଧରିଛନ୍ତି। ଭାଜପାର ଏହି ମିଶ୍ରଣ ପର୍ବ ବିଜେଡିକୁ ଝଟକା ଦେଇଛି। ଚାନ୍ଦବାଲି ବ୍ଲକ ଓରାସାହି ପଞ୍ଚାୟତ ବେନ୍ତାଳପୁର ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଯୁବନେତା ଲକ୍ଷ୍ମଣ ଦାସଙ୍କ ନେତୃତ୍ୱରେ ବିଜେଡି ଛାଡ଼ି ଖଗେଶ୍ୱର ନାୟକ, ନରହରି ବଳ, ରାମହରି ବଳ, ଶ୍ରୀହରି ବଳ, ପଦ୍ମଲୋଚନ ରାଉତ, ବାବୁ ସେଠୀ, ସୁବାସ ବେହେରା, ବୃନ୍ଦାବନ ପରିଡ଼ା, ଦୋଳମଣି ମାଝୀ, ସୁରତ ରାଉତ, ଯଞ୍ଜଳି ନାୟକ, ଜଗବନ୍ଧୁ ନାୟକ, ଶ୍ରୀମନ୍ତ ନାୟକ, ସୁମନ୍ତ ବେହେରା ପ୍ରମୁଖ ଭାଜପାରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ନବାଗତମାନଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ଉପସଭାପତି କମଳାକାନ୍ତ ସୂତାରଙ୍କ ସହ ଯୁବନେତା ଚନ୍ଦନ ରାଉତ ଓ ନାରୀନେତ୍ରୀ ବନ୍ଦିତା ଦାସ ଉପସ୍ଥିତ ଥିଲେ।



ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲ ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

# ଯୁବପିଢ଼ି ଅନୁଶାସନ ଭିତରେ ଇଣ୍ଟରନେଟ୍‌ର ବ୍ୟବହାର କରନ୍ତୁ

## ସାଇବର ସୁରକ୍ଷା ଅଭିଯାନ ଉଦ୍‌ଯାପିତ

ମୋରଡ଼ା,୧୪।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକସ୍ଥିତ ଚିତ୍ରଡ଼ା ମହାବିଦ୍ୟାଳୟ ପରିସରରେ ମୋରଡ଼ା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟାପକ ବୁଦ୍ଧିରାମ ସିଂଙ୍କ ମଞ୍ଚ ପରିଚାଳନା କରିଥିବା ବେଳେ ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଅତିଥିଭାବେ ବେତନଟି ଏସ୍‌ଡିପିଓ ସୁଦର୍ଶନ ଦାସ, ସମ୍ମାନିତ ଅତିଥିଭାବେ ସାଇବର ନୋଡାଲ ଅଫିସର ଦଳମଣି ଭୋଇ, ମୋରଡ଼ା ତହସିଲଦାର ଅନନ୍ତ ହାଁସଦା, ଚିତ୍ରଡ଼ା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ




ସାଇବର ସୁରକ୍ଷା ଅଭିଯାନ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବିଶ୍ୱଜିତ୍ ମହାନ୍ତ, ବାବା ଜଟେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଭୀମଚରଣ ମହାନ୍ତ, ମୋରଡ଼ା ବିଇଓ ମନମୋହନ ହେମ୍ବ୍ରମ, ଅଧ୍ୟାପକ କାମଦେବ ପାଠୀ, ମୋରଡ଼ା ବ୍ଲକ୍ ଅଧ୍ୟକ୍ଷ ପିଥନାଥ ସୋରେନ, ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଜିଲା ପରିଷଦ ସଭ୍ୟ ଅଭିରାମ ଭୋଇ, ସଭ୍ୟା ମିନାକ୍ଷୀ ସୋରେନ, ଝରଣା ମୁର୍ମୁ, ମୟୂରଭଞ୍ଜ ମିଶନଶକ୍ତିର ଜିଲା ସଭାନେତ୍ରୀ ବିଷ୍ଣୁପ୍ରିୟା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ବର୍ତ୍ତମାନର ଛାତ୍ରୀଛାତ୍ର ଇଣ୍ଟରନେଟକୁ ଉପଯୁକ୍ତ ଜ୍ଞାନ ଓ ଶୃଙ୍ଖଳାଗତ ତଥା ଅନୁଶାସନ ଭିତରେ ରହି ବ୍ୟବହାର କରିବାର ଆବଶ୍ୟକତା ଅଛି ବୋଲି ଅତିଥିମାନେ କହିଥିଲେ। ପ୍ରଥମେ ଏସ୍‌ଏଚଜି ଗ୍ରୁପର ମହିଳା, ପୋଲିସ କର୍ମଚାରୀ, ସ୍କୁଲ, କଲେଜ ଛାତ୍ରୀଛାତ୍ର ତଥା ସ୍ଥାନୀୟ ଶତାଧିକ ଜନସାଧାରଣଙ୍କ ଦ୍ୱାରା ସାଇବର ରଥକୁ ଭବ୍ୟ ସ୍ୱାଗତ କରାଯାଇ ଆଦିବାସୀ ସାଂସ୍କୃତିକ ନାଚ ମାଧ୍ୟମରେ ଚିତ୍ରଡ଼ା ମହାବିଦ୍ୟାଳୟକୁ ଅଣାଯାଇଥିଲା। ମୋରଡ଼ାରେ ମଧ୍ୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରୁ ଏକ ରାଲି ବାହାରି ମୋରଡ଼ା ବଜାର ପରିକ୍ରମା କରିଥିଲା। ଏଥିରେ ମୋରଡ଼ା ଆଦର୍ଶ ବିଦ୍ୟାଳୟ, ଶିବମୁନି ଶିକ୍ଷା ନିକେତନ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଖବରଦାତା ରଣଜିତ ସାହୁ, ରବୀନ୍ଦ୍ର ମହାନ୍ତ, ଘାସିରାମ ବେହେରା, ବିଶ୍ୱବନ୍ଦନ ବେହେରା, ତୁଷାରକାନ୍ତ ବେହେରା, ସ୍ମାରକ ମାଜୀ ପ୍ରମୁଖ ଉପସ୍ଥିତ ଥିଲେ।

